## ସଂକ୍ଷେପରେ

### ଅଟୋକୁ ପିଟିଲା କାର, ୨ ଆହତ

ଗୋପାଳପୁର,୫।୪(ଡି.ଏନ.ଏ.)-୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଚଟି ଛକ ନିକଟରେ ବୁଧବାର ଭୋରରେ ଏକ କାର ଡାଲା ଅଟୋକୁ ପଛରୁ ଧକ୍କା ଦେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଲାଠି ଗ୍ରାମର ବାବୁଲା ସ୍ୱାଇଁ, ଓ ରୋଇ ଗାଁର ସଞ୍ଜୟ ସାହୁ। ଡାଲା ଅଟୋରେ ବିଭିନ୍ନ ପ୍ରକାର ଫଳ ଲୋଡ୍ କରି ବ୍ରହ୍ମପୁରରୁ ଇଚ୍ଛାପୁର ଅଭିମୁଖେ ଯାଉଥିବା ବେଳେ ଏକ କାର ଦ୍ରୁତ ଗତିରେ ଆସି ପଛପଟୁ ଅଟୋଟିକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ରାଜପଥରେ ଓଲଟି ପଡିବା ସହ ଚାଳକ ଓ ବସିଥିବା ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଥିଲେ। ଗୋଳନ୍ଥରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ବାଲୁଲା ଓ ସଞ୍ଜୟଙ୍କୁ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାବୁଲାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ଅଟୋକୁ ନିଜ ହେପାଜତକୁ ନେଇଥିବା ବେଳେ କାର ଚାଳକକୁ କାବୁ କରିଥିଲା। କାର ଚାଳକ ପ୍ରଚୁର ମଦ୍ୟପାନ କରିଥିବା ଦେଖିବାକୁ ମିଳିଥିଲା।

### ନବ ନିଯୁକ୍ତ ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

କାଶୀନଗର,୫।୪: ନବ ନିଯୁକ୍ତ ଗଜପତି ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସଙ୍କୁ କାଶୀନଗର ବ୍ଲକ ଓ ଏନ୍ଏସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଏନ୍ଏସି ଅଧକ୍ଷା ଏମ୍ ସୁଧାରାଣି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ ମଞ୍ଚାସୀନ ହୋଇଥିବା ବେଳେ ବରିଷ୍ଠ ବିଜେଡି ନେତା ତିରୁପତି ପାଣିଗ୍ରାହୀ, କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବି. ସାୟାମ୍ମା, ଏନ୍ଏସି ଉପାଧକ୍ଷ ରଘୁରାମ ସାହୁ, ଟାଉନ୍ ବିଜେଡି ସଭାପତି ଆର୍. ଚଲପତି ରାଓ, ଯୁବ ବିଜେଡ଼ି ସଭାପତି ରାଜେଶ୍ ମିସାଲ୍, ମହିଳା ବିଜେଡି ସଭାନେତ୍ରୀ ଆର୍ . ସୁଜାତା, ଯୁବନେତା ଏମ୍ . ପ୍ରବୀଣ କୁମାର, କେ. ଜିବରତମ୍ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଆସନ ଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଓ ସେସବୁର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା।

### କୃଷି ବିଭାଗର କ୍ଷେତ୍ର ଦିବସ

ପୋଲସରା,୫।୪(ଡି.ଏନ.ଏ.):ପୋଲସରା ବ୍ଲକ ଚିକିଳିପଡା ଶାସନ ସ୍ଥିତ ତୁମ୍ବେଶ୍ୱର ଶୈବପୀଠ ପରିସରରେ ବୁଧବାର ଚିକିଳିପଡା ଶାସନ ଅଞ୍ଚଳର କୃଷି ପରିଦର୍ଶକ ଆରତୀ ବେହେରାଙ୍କ ତତ୍ତ୍ୱାବଧାନରେ କୃଷି ବିଭାଗର କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଗ ଚାଷ ଅମଳ ପରବର୍ତ୍ତୀ ପରେ ଚାଷୀଙ୍କୁ ନେଇ କ୍ଷେତ୍ର ଦିବସ ପାଳିତ ହୋଇଛି। ଏଥିରେ ଜିଲା କୃଷି ଅଧିକାରୀ ଜେ ନଳିନୀ କୁମାର, ବେଗୁନିଆପଡା ବ୍ଲକ କୃଷି ଅଧିକାରୀ ରାମଲାଲ ସାମଦ, ପୋଲସରା ବ୍ଲକ କୃଷି ଅଧିକାରୀ ଅର୍ଜୁନ ଚରଣ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ରାଜେଶ ସେଠୀ, ଅନାଦି ସାହୁ, ମଣିଶଙ୍କର ଦାସ, ପ୍ରଶାନ୍ତ ସାହୁ ପ୍ରମୁଖ ମଞ୍ଚାସିନ୍ଥିଲେ। କୃଷିବିଭାଗର କ୍ଷେତ୍ର ଦିବସ ଅବସରରେ ସ୍ଥାନୀୟ ସରପଞ୍ଚ ଭଗବାନ ସାହୁ, ସମିତିସଭ୍ୟ ରଞ୍ଜନ କୁମାର ସାହୁ ସମେତ ବହୁ ମହିଳା ଓ ପୁରୁଷ ଚାଷୀମାନେ ଉପସ୍ଥିତ ଥିଲେ। ସେହିପରି ଗ୍ରାମ୍ୟ କୃଷି କର୍ମଚାରୀ ଅନାଦିସାହୁଙ୍କ ତତ୍ତ୍ୱାବଧାନରେ ଜା ଡେଙ୍ଗାପଦର ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ମଧ ଅନୁଷ୍ଠିତ ହୋଇଥିଲା।

### ବାଲିପଦରରେ ଚକ୍ଷୁ ପରୀକ୍ଷା ଶିବିର

ବୁଗୁଡା,୫।୪(ଡି.ଏନ.ଏ.): ବୁଗୁଡା ବ୍ଲକ ବାଲିପଦରରେ ଥିବା ବ୍ଲକ ଅଧକ୍ଷା କେ ପ୍ରିୟଦର୍ଶିନୀ ଆଚାରୀଙ୍କ ବାସ ଭବନ ପରିସରରେ ବୁଧବାର ଶଙ୍କର ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରର ଆୟୋଜକ ବ୍ଲକ ଅଧକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ ଏହାକୁ ଉଦ୍‌ଘାଟନ କରିଥିଲା ବେଳେ ଏଥିରେ ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ଅଧକ୍ଷା ପ୍ରତିନିଧି କେ ନୀଳ ମାଧବ ଆଚାରୀ, ସାମାଜିକ କର୍ମୀ କେ ମନୋଜ କୁମାର ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ଶିବିରରେ ମୋଟ ୬୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୬ ଜଣଙ୍କ ଅସ୍ତ୍ରୋପଚାର ପାଇଁ ଉକ୍ତ ଚିକିତ୍ସାଳୟକୁ ପଠାଯାଇଥିଲା। ଉକ୍ତ ପରୀକ୍ଷାରେ ଚିକିତ୍ସାଳୟର ଚିତ୍ରସେନ, ଦିଲ୍ଲୀପ, ଦିପୀକା, ଲକ୍ଷ୍ମୀପ୍ରିୟା, ଗାୟତ୍ରୀ ଓ ରଘୁନାଥ ଆଦି କର୍ମଚାରୀମାନେ ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ। ଶିବିର ପରିଚାଳନାରେ ରାନୁ ଆଚାରୀ, ସତ୍ୟନାରାୟଣ ଦାଶ, ମୁନା ବିଷୋୟୀ, ସାନୁ ଆଚାରୀ, ସନ୍ତୋଷ କୁମାର ଗୁରୁ, ଶୁଭମ୍ ସ୍ୱାଇଁ ଏବଂ ବୁନ୍ଧିଆ ବାଡତ୍ୟା ପ୍ରମୁଖ ସହଯୋଗ କରିଥିଲେ।

# ମେ' ୧ରୁ ପଛୁଆବର୍ଗଙ୍କ ସାମାଜିକ, ଶିକ୍ଷାଗତ ସ୍ଥିତି ସର୍ଭେ

**ଗଞ୍ଜାମରେ ଦିଆଗଲା ତାଲିମ**

ଛତ୍ରପୁର,୫।୪(ଡି.ଏନ.ଏ. )

ଓଡିଶାରେ ଥିବା ପଛୁଆ ବର୍ଗ ଲୋକଙ୍କର ସାମାଜିକ ତଥା ଶିକ୍ଷାଗତ ସ୍ଥିତି ଉପରେ ଗଞ୍ଜାମ ଜିଲାର ସର୍ଭେ ହେବ। ଏହି ଉପଲକ୍ଷେ ବୁଧବାର ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ଓଡ଼ିଶା ପଛୁଆ ବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂକ୍ରାନ୍ତରେ ସର୍ଭେ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମଗ୍ର ରାଜ୍ୟରେ ଏହା ମେ' ୧ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଏବଂ ତା ପରେ ମେ' ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଏକ ବିଶେଷ କାର୍ଯ୍ୟକ୍ରମ ଚାଲୁ ରହିବ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ପ୍ରଧାନ ଏନୁମରେଟର୍ ଓ ସୁପରଭାଇଜର୍ଙ୍କ ଭୂମିକା ଉପରେ ତାଲିମ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର (ରାଜସ୍ୱ) ଦୟାସିନ୍ଧୁ ପରିଡା ସେମାନଙ୍କୁ ଦିଆଯାଇଥିବା କୋଡ୍ ନମ୍ବର, ଆଇସିଆର୍ ସର୍ଭେ ଫର୍ମ ସମ୍ବନ୍ଧରେ ବିସ୍ତୃତ ସୂଚନା, ଆଇସିଆର୍ ଫର୍ମର ବ୍ୟବହାର, ଠିକ୍ କୋଡ୍ ସହିତ ଆଇସିଆର୍ ସର୍ଭେ ଫର୍ମ ପୂରଣ କରିବା ବିଷୟରେ ତାଲିମ ଦେଇଥିଲେ। ଏନୁମରେଟର୍ ଓ ସୁପରଭାଇଜରଙ୍କ ଦ୍ୱାରା ସଂଗ୍ରହ ହୋଇଥିବା ତଥ୍ୟ, ପୋର୍ଟାଲ ରେଜିଷ୍ଟ୍ରେଶନ, ମୋବାଇଲ ଆପ୍ଲିକେଶନରେ କିପରି ଟ୍ୟାଗ୍ ହେବ ସେ ସମ୍ପର୍କରେ ବ୍ରହ୍ମପୁରର ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ତାଲିମ ଦେଇଥିଲେ।



ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରମାନେ।

ଏହି ତାଲିମ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର (ନିଜାରତ) ଓମ୍ ପ୍ରସାଦ ପରିଡା ମଧ ସହଯୋଗ କରିଥିଲେ । ଗ୍ରାମାଞ୍ଚଳରେ ଅଙ୍ଗନୱାଡି କର୍ମୀଙ୍କୁ ଓ ପୌରାଞ୍ଚଳରେ ଅଙ୍ଗନୱାଡି କର୍ମୀ, ଟ୍ୟାକ୍ସ କଲେକ୍ଟର ଓ ୱାର୍ଡ ଅଫିସରଙ୍କୁ ଏନୁମରେଟର ଭାବେ ନିୟୋଜିତ କରାଯିବ। ସେହିଭଳି ଗ୍ରାମାଞ୍ଚଳରେ ଆଇସିଡିଏସ୍ ସୁପରଭାଇଜର୍, ମାର୍କେଟିଂ ଇନ୍ସପେକ୍ଟର, ଗ୍ରାମ ପଞ୍ଚାୟତ ଏକ୍ସଟେନଶନ ଅଫିସର, ପ୍ରୋଗ୍ରେସ ଆସିଷ୍ଟାଣ୍ଟ, ୱେଲଫେୟାର ଏକ୍ସଟେନଶନ ଅଫିସର ଓ ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସରଙ୍କୁ ଏବଂ ପୌରାଞ୍ଚଳରେ ଆଇସିଡିଏସ୍ ସୁପରଭାଇଜର୍, ମାର୍କେଟିଂ ଇନ୍ସପେକ୍ଟର, ଜୋନ୍ ଅଫିସରମାନଙ୍କୁ ସୁପରଭାଇଜର୍ ଭାବେ ନିୟୋଜିତ କରାଯିବା ସହ ପ୍ରତ୍ୟେକ ସୁପରଭାଇଜରଙ୍କ ଅଧୀନରେ ସର୍ବାଧିକ ୧୦ ଜଣ ଏନୁମରେଟର୍ କାର୍ଯ୍ୟ କରିବେ। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ତହସିଲଦାର, ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ତାଲିମ ନେଇଥିଲେ ।

ସର୍ଭେ କାର୍ଯ୍ୟକ୍ରମ ଯେପରି ନିର୍ଭୁଲ ଭାବେ ହୋଇପାରିବ ଏଥିନିମନ୍ତେ ଆବଶ୍ୟକ ତାଲିମ ଠିକ୍ ଭାବରେ ଦେବାକୁ ମାଷ୍ଟର ଟ୍ରେନର୍ମାନଙ୍କୁ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପରାମର୍ଶ ଦେଇଥିଲେ। ସର୍ଭେ ସେଣ୍ଟରଗୁଡିକୁ ଆବଶ୍ୟକ ସାମଗ୍ରୀ ନୋଡାଲ ଅଫିସର୍ମାନେ ଯୋଗାଇ ଦେବାକୁ କୁହାଯାଇଥିଲା। ପଛୁଆ ବର୍ଗ ଲୋକମାନଙ୍କର ବର୍ତ୍ତମାନ ଥିବା ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସ୍ୱଷ୍ଟ ଚିତ୍ର ହାସଲ କରିବା ହେଉଛି ଏହି ସର୍ଭେର ମୂଳ ଲକ୍ଷ୍ୟ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଆସିକା,୫।୪ (ଡି.ଏନ.ଏ.)

ଆସିକା ବିଜୁ ପଟ୍ଟନାୟକ ଛକଠାରେ ବୁଧବାର ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁର୍ଘଟଣା ଜନିତ ମୃତ୍ୟୁ ତାଲିକାରେ ଗଞ୍ଜାମ ଜିଲା ସର୍ବାଧିକ ସ୍ଥାନରେ ରହିଥିବାରୁ ଏହାକୁ କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶୁଳପାଣି ଶତପଥି, ପୋଲିସ ଇନିସପେକ୍ଟର ବିଶ୍ୱରଞ୍ଜନ ନାୟକ, ଘରୋଇ ବସ ମାଲିକ ସଂଘ ସଂପାଦକ ସନ୍ତୋଷ କୁମାର ପୋଲାଇ, ମୁନା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରିବା, ନିର୍ଦ୍ଧାରିତ ଯାତ୍ରୀଙ୍କଠାରୁ ଅଧିକ ଯାତ୍ରୀ ପରିବହନ କରିବା, ୧୮ ବର୍ଷରୁ କମ ବୟସ୍କଙ୍କୁ ଗାଡି ନଦେବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ବେଳେ ଏଥିରେ ବ୍ୟତିକ୍ରମ କଲେ ରହିଥିବା ବିଭିନ୍ନ ଆଇନଗତ ଦଣ୍ଡ ସମ୍ପର୍କରେ ସଚେତନ କରାଯାଇଥିଲା। ଏତଦ ଅବସରରେ ପଥପ୍ରାନ୍ତ ନାଟକ ମାଧମରେ ଦୁର୍ଘଟଣାକୁ ରୋକିବା ନେଇ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା।

## 'ଆମ ସଂସ୍କୃତି, ଆମ ଖେଳଣା' କାର୍ଯ୍ୟକ୍ରମ

ଦିଗପହଣ୍ଡି,୫।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ 'ଆମ ସଂସ୍କୃତି, ଆମ ଖେଳଣା' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନ୍ପିଏସ୍ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର କୁମାର ଗୌଡଙ୍କ ସଂଯୋଜନା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଗଞ୍ଜାମ ଜିଲା ସଭାପତି ତଥା ଆଇନଜୀବୀ ହରପ୍ରସାଦ ରଥ, ସହକାରୀ ବ୍ଲକ ଶିକ୍ଷାଧିକାରୀ ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ସରପଞ୍ଚ ପ୍ରତିନିଧି ଟୁଲୁ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏସ. କଂସ ଦୋରା, ସିଆର୍ସିସି ସୁବ୍ରତ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ରକଳା ମାଧମରେ ଶିଶୁଙ୍କ ଜ୍ଞାନର ବିକାଶ ଏବଂ ଅନ୍ତର୍ନିହିତ ପ୍ରତିଭାର ବିକଶିତ କରାଇବା ଦିଗରେ ସରକାରଙ୍କ ଅଭିନବ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ଅତିଥି ପ୍ରକାଶ କରିଥିଲେ। ଶେଷରେ ପୂର୍ବତନ ସିଆର୍ସିସି ସ୍ୱୟଂପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଆର.ଉଦୟଗିରି,୫।୪(ଡି.ଏନ.ଏ.)

ମୋହନା ଥାନାରେ ବୁଧବାର ନୂତନ ଥାନା ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଗଞ୍ଜାମ ଜିଲା ଦିଗପହଣ୍ଡି ଓ ଗୋଳନ୍ଥରା ଥାନାରେ ବହୁ ବର୍ଷ ଧରି କାର୍ଯ୍ୟ କରି ସୁନାମ ଅର୍ଜନ କରିବା ସହ ଲୋକଙ୍କୁ ନ୍ୟାୟ ଦେଇ ଲୋକପ୍ରିୟ ହୋଇପାରିଥିଲେ। ସେ ଗତ ଦୁଇ ମାସ ପୂର୍ବେ ଗଜପତି ଜିଲାକୁ ବଦଳି ହୋଇଥିଲେ। ମୋହନା ଥାନାଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କୁ ଏସ୍ପି ସ୍ୱାତୀ ଏସ. କୁମାର ଜିଲା ମୁଖ୍ୟାଳୟକୁ ବଦଳି କରି ନୂତନ ଭାବେ ଥାନାଧିକାରୀ ଭାବେ ବସନ୍ତ କୁମାର ସେଠୀଙ୍କୁ ମୋହନାରେ ନିଯୁକ୍ତି ଦେଇଛନ୍ତି।

## ଚାଷୀଙ୍କୁ ମିଳୁନି ସରକାରୀ ଧାର୍ଯ୍ୟ ପ୍ରାପ୍ୟ



ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

ପାରଳାଖେମୁଣ୍ଡି,୫।୪(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ତାମ୍ପରକଇଠା ସୋସାଇଟିର ଚାଷୀ ମିଲରକୁ ଦୀର୍ଘଦିନ ହେଲା ଧାନ ଦେବା ପରେ ମଧ ସରକାରୀ ଧାର୍ଯ୍ୟରେ ପ୍ରାପ୍ୟ ପାଇ ପାରି ନ ଥିବା ନେଇ ଅଭିଯୋଗ ହେଉଛି। ଗଜପତି ଜିଲା ଗୋଶାଣୀ ବ୍ଲକ ତାମ୍ପରକଇଠା ସୋସାଇଟିର ୩୩ ଟୋକନ ପାଇଥିବା ଚାଷୀ ଧାନ ମିଲକୁ ଦେବା ପରେ ଆଜି ପର୍ଯ୍ୟନ୍ତ ତାଙ୍କର ଧାନର ମୂଲ୍ୟ ସରକାରୀ ଦରରେ ପାଇ ନ ଥିବା ଅଭିଯୋଗ ହୋଇଛି। ତେଣୁ ପୁଣି ଥରେ ତାମ୍ପରକଇଠା ସୋସାଇଟିର ସଭାପତି ଶ୍ରୀଧର ନାଇଡୁଙ୍କ ନେତୃତ୍ୱରେ ସୋସାଇଟିର ଚାଷୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ନାଇଡୁ କହିଛନ୍ତି ଯେ, ତାମ୍ପର କଇଠା ସୋସାଇଟିର ୩୩ ଟୋକନ ପାଇଥିବା ଚାଷୀ ମିଲକୁ ଧାନ ଦେବା ପରେ ଆଜି ପର୍ଯ୍ୟନ୍ତ ସରକାରୀ ଧାର୍ଯ୍ୟରେ ପ୍ରାପ୍ୟ ପାଇ ପାରି ନ ଥିବାରୁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ପ୍ରବଳ ବର୍ଷାରେ ପୂର୍ତ୍ତ ବିଭାଗ କୋଠା ଛାତ ପଡ଼ିଲା

**ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ, ଅସୁବିଧା ନାହିଁ କହିଲେ ଯନ୍ତ୍ରୀ**

ଭଞ୍ଜନଗର, ୫।୪(ଡି.ଏନ.ଏ)

ଭଞ୍ଜନଗର କଲେଜ ରୋଡରେ ପ୍ରାୟ ସାଢେ ୩ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ କୋଠା ନିର୍ମାଣ ଚାଲିଛି। ମଙ୍ଗଳବାର ଅପରାହ୍ନରେ ଦ୍ୱିତୀୟ ମହଲା ଛାତ ପଡୁଥିବା ସମୟରେ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ କାମ ଅଧା ହୋଇଥିଲା। ଉକ୍ତ ଛାତ ଉପରେ ପଲିଥିନ ଘୋଡା ଯିବା କଥା କିନ୍ତୁ ଠିକାଦାର ଏ ନେଇ ପ୍ରସ୍ତୁତ ହୋଇ ନ ଥିବାରୁ ଘୋଡାଇ ପାରି ନ ଥିଲେ। ପରେ ପଲିଥିନ ନେଇ ପକାଇଥିଲେ କିନ୍ତୁ ତାହା ସବୁ ଆଡ ଘୋଡାଇ ହୋଇ ନ ଥିଲା। ବର୍ଷାରେ ସିମେଣ୍ଟ ବାଲି ଗୋଡି ଧୋଇ ହୋଇ ଯାଇଥିଲା। ବର୍ଷା ଛାଡୁ ଛାଡୁ ପୁଣି ତା ଉପରେ ବଳକା ଛାତ କାମ ହୋଇଥିଲା। କିନ୍ତୁ ଛାତ ଉପରେ ଥିବା ପାଣିକୁ ବାହାର କରାଯାଇ ନ ଯାଇ ତା ଉପରେ ହିଁ ପୁଣି ଛାତ ପକାଯାଇଥିଲା। ଛାତ ପଡୁଥିବା ସମୟରେ ସନ୍ଧ୍ୟାରେ ପୁଣି ବର୍ଷା ହୋଇଥିଲା। ବାରମ୍ବାର ବର୍ଷା ହେବା ଦ୍ୱାରା ଛାତର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ବର୍ଷା ପାଣି ପଡ଼ିଲେ ମଧ ଛାତର କୌଣସି ଅସୁବିଧା ହେବନାହିଁ। ବର୍ଷା ସମୟରେ ଚାରିଆଡ଼େ ପଲିଥିନ ଘୋଡା ଯାଇଥିଲା। ଅପରପକ୍ଷେ ସେଠାରେ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଜଣେ କର୍ମଚାରୀ କହିଛନ୍ତି, ପଲିଥିନ ଥିଲେ ତ ଛାତ ଘୋଡାଇବୁ।



ବର୍ଷାରେ ଶ୍ରମିକମାନେ ଛାତ ପକାଉଛନ୍ତି।

### କିରୋସିନ ଢାଳି ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ ମାମଲା
## ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀ ମୃତ

ଭଞ୍ଜନଗର, ୫।୪(ଡି.ଏନ.ଏ.)

ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ର ପ୍ରଫୁଲ୍ଲ କୁମାର ସାବତ (୭୦)ଙ୍କୁ ତାଙ୍କ ସ୍ତ୍ରୀ ମଙ୍ଗଳବାର କିରୋସିନି ଢାଳି ହତ୍ୟା ଉଦ୍ୟମ କରିଥିଲେ। ବୁଧବାର କଟକ ମେଡିକାଲରେ ଚିକିତ୍ସାଧିନ ଥିବା ଅବସ୍ଥାରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଛି। ପ୍ରଫୁଲ୍ଲଙ୍କ ପ୍ରଥମ ସ୍ତ୍ରୀ ପରଲୋକ ଗମନ କରିଥିଲେ। ଏହାପରେ ସେ ଦ୍ୱିତୀୟ ବିବାହ କରିଥିଲେ। ବାହାଘରର କିଛିମାସ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର କୌଣସି କାରଣରୁ ଗଣ୍ଡଗୋଳ ହେଉଥିଲା। ମଙ୍ଗଳବାର ପ୍ରଫୁଲ୍ଲ ଘର ସମ୍ମୁଖରେ ବସିଥିବା ବେଳେ ସ୍ତ୍ରୀ କିରୋସିନି ଢ଼ାଳିବା ନିଆଁ ଲଗାଇ ଦେଇଥିଲେ। ଏ ନେଇ ଥାନା ଅଧିକାରୀ ଧୀରେସ ଦାସଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାହା ସମ୍ଭବପର ହୋଇପାରିନାହିଁ। ମୃତ୍ୟୁ ପୂର୍ବରୁ ପ୍ରଫୁଲ୍ଲ ସ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ପୁରୀରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥି ।

ବୁଗୁଡା,୫।୪(ଡି.ଏନ.ଏ.)

ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃ ବୁଗୁଡା ଶାଖା ଅଧୀନରେ ଥିବା ପାଙ୍ଗିଡି ସେବା ସମବାୟ ସମିତି ତରଫରୁ ଚାଷୀମାନଙ୍କୁ ନେଇ ପାଙ୍ଗିଡି ପଞ୍ଚାୟତ କାର୍ଯ୍ୟାଳୟରେ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାଙ୍ଗିଡି ପଞ୍ଚାୟତର ସରପଞ୍ଚ ଭାଗ୍ୟଲତା ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃର ନିର୍ଦ୍ଦେଶିକା ନନ୍ଦିନୀ ଭୂୟାଁ ଓ ସମ୍ମାନିତ ଅତିଥି ଭାବେ ବୁଗୁଡା ଶାଖା ପରିଚାଳକ ଯୋଗେଶ ଚନ୍ଦ୍ର ସାମନ୍ତରାୟ, ପାଙ୍ଗିଡି ପଞ୍ଚାୟତର ସମିତି ସଭ୍ୟା ସସ୍ମିତା ଆପଟ, ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ରା, ସମସ୍ତ ମହିଳା ଡାଇରେକ୍ଟର ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ସମବାୟ ବ୍ୟାଙ୍କର ବିଭିନ୍ନ ସେବା ଏବଂ ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। କର୍ମଶାଳାରେ ବ୍ଲକର ସମସ୍ତ ସମବାୟ ସମିତିର ସମ୍ପାଦକ ଓ ଡିଇଓମାନଙ୍କ ସମେତ ଏସ୍ଏଚ୍ଜି ମହିଳା ଗୋଷ୍ଠୀ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ପାଙ୍ଗିଡି ସେବା ସମବାୟ ସମିତିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବ୍ୟାଙ୍କ ପାଖରୁ ୧୭ ଲକ୍ଷ ଲୁଟ ଘଟଣା: ୬ ଗିରଫ

ଫୁଲବାଣୀ ଅଫିସ, ୫।୪

ଫୁଲବାଣୀ ସହର ଆକ୍ସିସ ବ୍ୟାଙ୍କ ପାଖରୁ ୧୭ ଲକ୍ଷ ୫୦ ହଜାର ଟଙ୍କା ଲୁଟ ଘଟଣାରେ କନ୍ଧମାଳ ଜିଲା ପୋଲିସ କଳାହାଣ୍ଡି ପୋଲିସ ସହାୟତାରେ ଲୁଟେରା ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ପକଲାପାଲି ଅଞ୍ଚଳର ଏ.କିଶୋର ଓରଫ୍ ଏ.ଶ୍ରୀକାନ୍ତ, ଆଇବି କ୍ୟାମ୍ପ ଅଞ୍ଚଳର ଏ.ହରି ଓରଫ୍ ଆଙ୍କଟେସ, କିଶୋରଙ୍କ ମା' ଏମ୍.ଲିଲି, ହରିଙ୍କ ବାପା ଏମ୍.ପାଣ୍ଡୁ, ଆସିକା ଅଞ୍ଚଳର ସରସ୍ୱତୀ ଓରଫ୍ ସରଣା ଦାସ, କାର୍ ଡ୍ରାଇଭର ଲିଟୁ ଗୌଡ଼। ବୁଧବାର ଫୁଲବାଣୀ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ଏସ୍ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି।

ଲୁଟେରାମାନେ ଲୁଟ କରିବା ପରେ ଫେରାର ହୋଇଯାଇଥିଲେ। ଟାଉନ ଥାନା ପୋଲିସ ସହରର ବିଭିନ୍ନ ସିସିଟିଭି ଫୁଟେଜକୁ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଥିଲା। ଜଣେ ଏଏସ୍ଆଇ ଲୁଟେରାଙ୍କୁ ଚିହ୍ନିବାରୁ ସେମାନଙ୍କୁ ଧରିବା ପାଇଁ ସହରର ଚାରିଆଡେ ନାକାବନ୍ଦୀ କରାଯାଇଥିଲା।



ଗିରଫ ଲୁଟେରା ଗ୍ୟାଙ୍ଗ ସଦସ୍ୟ।

ମଙ୍ଗଳବାର ସନ୍ଧ୍ୟାରେ ଆସ୍କା ଅଞ୍ଚଳରୁ ଏକ କାର୍କୁ ଲୁଟେରାମାନେ ଖସାଇ ନେଇଥିଲା । ପୋଲିସ ଖବର ପାଇବା ପରେ ସେମାନଙ୍କୁ ପିଛା କରିଥିଲା । ଗାଡିଟି କଳାହାଣ୍ଡି ଜିଲା କେସିଙ୍ଗା ଆଡକୁ ଯାଉଥିବା ଦେଖି କେସିଙ୍ଗା ପୋଲିସକୁ ଖବର ଦିଆଯାଇଥିଲା । ରାତି ୧୦ଟାରେ ପୋଲିସ ଏହି ଲୁଟେରା ଗ୍ୟାଙ୍ଗକୁ ଧରିଥିଲା । ସେମାନଙ୍କ ପାଖରୁ ଲୁଟ ହୋଇଥିବା ସମସ୍ତ ଟଙ୍କା, ୭ଟି ଫୋନ, ଡିକି ଭାଙ୍ଗିବାକୁ ଚାବି, କାର୍, ବାଇକ ଜବତ୍ କରାଯାଇଛି । ଏମାନଙ୍କ ନାମରେ ସମ୍ବଲପୁର, ପୁରୀ, ନୟାଗଡ, ଭଦ୍ରକ, ବିହାର ଆଦି ଅଞ୍ଚଳରେ ମାମଲା ରହିଛି । ଘଟଣାର ଆହୁରି ତଦନ୍ତ ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍ପି କହିଛନ୍ତି । ଖବରଦାତା ସମ୍ମିଳନୀରେ ଫୁଲବାଣୀ ଏସ୍ଡିପିଓ ସୁପ୍ରସନ୍ନ ମଲ୍ଲିକ, ଥାନାଧିକାରୀ ଅଶୋକ କୁମାର ଗିରି, ଗୋଚ୍ଛାପଡା ଥାନାଧିକାରୀ ରଞ୍ଜିତ କୁମାର ମୁନୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଗତ ୩ ତାରିଖରେ ବ୍ୟବସାୟୀ ଶାସ୍କର ପାତ୍ରଙ୍କ ଭାଇ ଅଶ୍ୱିନୀ ଏବଂ କର୍ମଚାରୀ ରମେଶ ପ୍ରଧାନ ଏକ ବ୍ୟାଗରେ ୧୭ ଲକ୍ଷ ୫୦ ହଜାର ଟଙ୍କା ଧରି ଆକ୍ସିସ ବ୍ୟାଙ୍କରୁ ବାହାରି ଥିଲେ। ବ୍ୟାଙ୍କ ଠାରୁ ମାତ୍ର ୨୦/୩୦ ମିଟର ଦୂରରେ ଏକ ବାଇକରେ ଦୁଇ ଜଣ ଯୁବକ ପଛରୁ ଆସି ସ୍କୁଟିକୁ ଗୋଇଠା ମାରିଥିଲେ। ଫଳରେ ଟଙ୍କା ନେଇ ଯାଉଥିବା ବ୍ୟବସାୟୀ ଏବଂ କର୍ମଚାରୀ ତଳେ ପଡିଯାଇଥିଲେ । ଏହାର ସୁଯୋଗ ନେଇ ଲୁଟେରା ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ସର୍କୁଲାର ରୋଡଦେଇ ଫେରାର ହୋଇଯାଇଥିଲେ।

# ଆଜି କୁମ୍ଭାରପଲୀରୁ ଆସିବ ଘଟ ମାଠିଆ


ମା' ଆସିବା ସମୟରେ ଯୁବକଙ୍କ ଶବବୁହା ବେଶ।


ମୁଖ୍ୟ ମନ୍ଦିରକୁ ମା'ଙ୍କ ଆଜ୍ଞା ମାଳ ନିମନ୍ତେ ଦେବକୀ ଯାଉଛନ୍ତି।

## ବ୍ରହ୍ମପୁର ବୁଢ଼ୀଠାକୁରାଣୀ ଯାତ୍ରା

ବ୍ରହ୍ମପୁର ଅଫିସ,୫।୪

ମା ବୁଢୀ ଠାକୁରାଣୀ ଅସ୍ଥାୟୀ ମଣ୍ଡପରେ ବିଜେ ହେବା ପରେ ବୁଧବାର ବିଶ୍ରାମ ନେଇଛନ୍ତି। ଦେଶୀ ବେହେରାଙ୍କ ସ୍ତ୍ରୀ ପି. ଦେବକୀ ମଙ୍ଗଳବାର ବିଳମ୍ବିତ ରାତିରେ ମୁଖ୍ୟ ମନ୍ଦିରରୁ ଫୁଲ ଚାଙ୍ଗୁଡିରେ ଆଜ୍ଞା ମାଳ ନେଇ ଅସ୍ଥାୟୀ ମନ୍ଦିର ଅଭିମୁଖେ ବିରାଟ ଶୋଭାଯାତ୍ରାରେ ଯାଇଥିଲେ। ମାଙ୍କ ଆଜ୍ଞା ମାଳ ଅସ୍ଥାୟୀ ମଣ୍ଡପରେ ପହଞ୍ଚିବା ପରେ ବୁଧବାର ପୂର୍ବାହ୍ନରେ ଅସ୍ଥାୟୀ ମନ୍ଦିରରେ ମାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମେତ ମାନସିକଧାରୀଙ୍କ ଭିଡ ଜମିଥିଲା। ସକାଳେ ମାଙ୍କ ଆଳତୀ ପରେ ବାଳଭୋଗ କରାଯାଇଥିଲା। କାଳିଆ ସେବାୟତଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ଗୁରୁବାର ଯାତ୍ରାର ୨ୟ ଦିବସରେ ଅସ୍ଥାୟୀ ମଣ୍ଡପରେ ମାଙ୍କ ଆଠଟି ମାଟି ଘଟ ସମେତ ଗୋଟିଏ ମୁଖ୍ୟ ଘଟ ପୂଜା ପାଇବ। ଏହି ଘଟ ସହରର ବଡ କୁମ୍ଭାର ପରିବାର ଆଙ୍କୋଲୀ କୁମ୍ଭାରପଲୀ ବାସିନ୍ଦା ଆର.ରାଜେନ୍ଦ୍ରଙ୍କ ଘରୁ ଯିବ। ରାଜେନ୍ଦ୍ର କହିଛନ୍ତି, ମହୁରୀ ରାଜାଙ୍କ ନିର୍ଦ୍ଦେଶ


ମାନସିକ ବେଶଧାରୀ।


ଅସ୍ଥାୟୀ ମଣ୍ଡପରେ ମା' ଠାକୁରାଣୀ।

### ଅସ୍ଥାୟୀ ମଣ୍ଡପରେ ମାଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

କ୍ରମେ ଯାତ୍ରା ଆରମ୍ଭ ହେବାଠାରୁ ବର୍ତ୍ତମାନ ସୁଦ୍ଧା ପୂର୍ବ ପୁରୁଷଙ୍କ ଅନୁସାରେ ବହୁ ପୁରାତନ କାଳରୁ ତାଙ୍କ ପରିବାର ପକ୍ଷରୁ ପ୍ରତି ଠାକୁରାଣୀ ଯାତ୍ରାରେ ଘଟ ପ୍ରସ୍ତୁତ କରି ପଠାଯାଉଛି। ତାଙ୍କ ପରିବାର ମାଟି ଘଟ ସମେତ, ମାଟି ଦୀପ, ରୁଖା, ଝୁଣାପ ପାତ୍ର ମଧ୍ୟ ଯାତ୍ରା ନିମନ୍ତେ ଯୋଗାଇଥାନ୍ତି। ଗୁରୁବାର ପୂର୍ବାହ୍ନରେ କୁମ୍ଭାରପଲୀରୁ ଘଟ ଅସ୍ଥାୟୀ ମଣ୍ଡପରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯିବ। ଏହାପରେ ପରମ୍ପରା ଅନୁଯାୟୀ ଘଟକୁ ଚିତ୍ରିତ କରୁଥିବା ମହିଳାଙ୍କ ଦ୍ୱାରା ଘଟକୁ ଚିତ୍ରିତ କରାଯିବ। ଏହାପରେ ମା ଠାକୁରାଣୀଙ୍କ ଘଟ ଯାତ୍ରା ଆରମ୍ଭ ହେବ। ଅନ୍ୟପଟେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅସ୍ଥାୟୀ ମଣ୍ଡପ ନିକଟରେ ସିସିଟିଭି କଣ୍ଟ୍ରୋଲ ବ୍ୟବସ୍ଥା କରାଯାଇଛି। ଏଥିସହ ଦୀପ ଷ୍ଟାଣ୍ଡ ନିକଟରେ ଅଗ୍ନିଶମ ଅଧିକାରୀ ଓ ଅଗ୍ନି ନିର୍ବାପକ ଯନ୍ତ୍ର ମଧ୍ୟ ରଖାଯାଇଛି। ତତସହିତ କୌଣସି ଶ୍ରଦ୍ଧାଳୁ ଅସୁସ୍ଥ ହେଲେ କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହେଲେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଏଠାରେ ୨ଟି ଟିମ୍ ରହିଛନ୍ତି। ଯେଉଁଥିରେ ଜଣେ ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟ ରହିଛନ୍ତି। ଏଥିସହ ସ୍ଥାନୀୟ ଆଗାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉତ୍ତରାମୁଖୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆସିକା ରୋଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଆଲର୍ଟ କରାଯାଇଛି। କୌଣସି ଜରୁରୀକାଳୀନ ପରିସ୍ଥିତିରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ମିନତି


@ ଜନିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଏମ୍‌କେସିଜି ହୃଦ୍‌ରୋଗ ବିଭାଗରେ ଆଇଏବିପି ମେଶିନ ବ୍ୟବହାର

**ବ୍ରହ୍ମପୁର ଅଫିସ, ୫।୪ :** ବ୍ରହ୍ମପୁର ବଡ ଡାକ୍ତରଖାନାର ହୃଦ୍‌ରୋଗ ବିଭାଗରେ ଇଣ୍ଟ୍ରା ଆର୍ଟିକ ବେଲୁନ ପମ୍ପ(ଆଇଏବିପି) ମେଶିନ ବ୍ୟବହାର ବୁଧବାର ଆରମ୍ଭ ହୋଇଛି। ଏହାଦ୍ୱାରା ଅସ୍ତ୍ରୋପଚାର ବେଳେ ରୋଗୀଙ୍କ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇ ପାରିବ। ଏଭଳି ଅସ୍ତ୍ରୋପଚାର ବଡ ଡାକ୍ତରଖାନାରେ ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଛି। ହୃଦ୍‌ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ଛବି ଶତପଥୀ ଓ ସିଟିଭିଏସ୍ ବିଭାଗ ମୁଖ୍ୟ ଡା. ସାରଦା ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଏଭଳି ଚିକିତ୍ସାସେବା ଆରମ୍ଭ ହୋଇଛି।

### ୪୪୦ ବରିଷ୍ଠ ନାଗରିକ ତୀର୍ଥ କରିବାକୁ ଗଲେ ପୁରୀ

**ଭଞ୍ଜନଗର,୫।୪(ଡି.ଏନ.ଏ.):** ବିପଦର ବନ୍ଧୁ ସମେତ ବିଭିନ୍ନ ବ୍ୟକ୍ତିଙ୍କ ସହଯୋଗରେ ମଙ୍ଗଳବାର ରାତିରେ ଗରିବ ଏବଂ କେବେ ପୁରୀ ଯାଇପାରି ନଥିବା ୪୦ ବରିଷ୍ଠ ନାଗରିକଙ୍କୁ ନେଇ ଏକ ତୀର୍ଥଯାତ୍ରୀ ବସ ପୁରୀ ଅଭିମୁଖେ ବାହାରିଥିଲା। ଭଞ୍ଜନଗର ବସ ଷ୍ଟାଣ୍ଡରୁ ବସରେ ତୀର୍ଥ ଯାତ୍ରୀମାନେ ବାହାରିଥିଲେ। ସେମାନେ ପୁରୀ ଭ୍ରମଣ କରିବା କାର୍ଯ୍ୟକ୍ରମ ଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାଯ୍ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମର କ୍ୟାମ୍ପ

### ନର୍ସରୀରୁ ୧୪ବର୍ଷ ପିଲା ନେବେ ଭାଗ

ବ୍ରହ୍ମପୁର ଅଫିସ,୫।୪

ଗ୍ରୀଷ୍ମଋତୁ ସହ ତାପମାତ୍ରା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ଉତ୍ତାପ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ସହରରେ ବିଗତ କିଛି ବର୍ଷ ହେବ ସମର କ୍ୟାମ୍ପ ଆୟୋଜିତ ହେଉଛି। ସହରର ବିଭିନ୍ନ ଘରୋଇ ଓ ସରକାରୀ ଅନୁଷ୍ଠାନ, ଏନ୍‌ଜିଓ ସମେତ ବ୍ରହ୍ମପୁର ମ୍ୟୁନିସିପାଲଟି ପକ୍ଷରୁ ମଧ୍ୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମର କ୍ୟାମ୍ପ ଆୟୋଜିତ ହେଉଛି। ଏଥିରେ ମୁଖ୍ୟତଃ ନର୍ସରୀ ଶ୍ରେଣୀରୁ ଆରମ୍ଭ କରି ୧୪ ବର୍ଷ ପର୍ଯ୍ୟନ୍ତ କିଶୋରୀ ଓ କିଶୋରମାନେ ଅଂଶ ଗ୍ରହଣ କରିଥାନ୍ତି। ଏହି କ୍ୟାମ୍ପରେ ପାଠପଢ଼ା ସାଙ୍ଗକୁ ଅନ୍ୟାନ୍ୟ କ୍ଷେତ୍ରରେ ଯେପରିକି ନୃତ୍ୟ, ସଙ୍ଗୀତ, ବିଭିନ୍ନ ପ୍ରକାର କ୍ରୀଡ଼ା, ଚିତ୍ରାଙ୍କନ, କ୍ରାଫ୍ଟରେ ପାରଙ୍ଗମ ହୋଇ ପାରିବେ ସେଥି ନିମନ୍ତେ ଶିକ୍ଷା ଦିଆଯାଏ। ଏହି ଶିକ୍ଷା ଦ୍ୱାରା ବିଦ୍ୟାର୍ଥୀମାନେ ପାଠପଢ଼ା ସାଙ୍ଗକୁ ବିଭିନ୍ନ ପ୍ରକାର ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥାନ୍ତି। ସେହିପରି ଅଭିଭାବକ ମଧ୍ୟ ନିଜ ପିଲାଙ୍କୁ ଛୁଟିରେ ପାଠପଢ଼ା ସହ ଅନ୍ୟାନ୍ୟ ବିଷୟରେ ଶିକ୍ଷା ଦେବା ନିମନ୍ତେ ବିଶେଷ ଧ୍ୟାନ ଦେବା ସଙ୍ଗେ ସଙ୍ଗେ ସମର କ୍ୟାମ୍ପରେ ପିଲାଙ୍କ ନାମଲେଖାଇ ସେମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ନିମନ୍ତେ ଉତ୍ସାହିତ କରିଥାନ୍ତି।

ଏପ୍ରିଲ ପ୍ରଥମ ସପ୍ତାହରୁ ସମର କ୍ୟାମ୍ପ ଆରମ୍ଭ ହେବ। କଳାଞ୍ଜଳି କଲଚରାଲ ଏକାଡେମୀ ପକ୍ଷରୁ ଏପ୍ରିଲ ପହିଲାରୁ ଗୋଷାଣୀନୂଆଗାଁରେ ସମର କ୍ୟାମ୍ପ ଆରମ୍ଭ ହୋଇସାରିଛି। ସେହିପରି ରକ୍‌ଷ୍ଟାର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏପ୍ରିଲ ୨୫ରୁ ଜୁନ ୩ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ୱାଓ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏପ୍ରିଲ ୨୦ରୁ ମେ' ୩୦ ପର୍ଯ୍ୟନ୍ତ କ୍ରୀଡ଼ା ସମର କ୍ୟାମ୍ପ ହେବ। ସେହିପରି ଟାଟା ବେଞ୍ଜ ଛକସ୍ଥିତ ଏକ ଘରୋଇ ସ୍କୁଲ ପକ୍ଷରୁ ବିଭିନ୍ନ ପ୍ରକାର କ୍ରୀଡ଼ା ସଂଗଠନ, ସ୍କେଟିଂ ଏକାଡେମୀ ପକ୍ଷରୁ ସମର କ୍ୟାମ୍ପ ଆରମ୍ଭ ହେବାକୁ ଥିବା ବେଳେ ସହରର ବିଭିନ୍ନ ସ୍କେଟିଂ ଓ କ୍ରୀଡ଼ା ସଂଗଠନ ପକ୍ଷରୁ ମଧ୍ୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ସମର କ୍ୟାମ୍ପ ଆୟୋଜିତ ହେବାକୁ ଯାଉଛି।

### ବୁଢୀ ଠାକୁରାଣୀ ଯାତ୍ରାରେ କଂଗ୍ରେସ ନେତା ବିଜୟ ପଟ୍ଟନାୟକ

ବ୍ରହ୍ମପୁର ଅଫିସ,୫।୪

କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଅଚାନକ ବୁଧବାର ବ୍ରହ୍ମପୁରରେ ପହଞ୍ଚିଛନ୍ତି। ସନ୍ଧ୍ୟାରେ ବଡ଼ବଜାର ଦେଶୀ ବେହେରା ସାହିକୁ ଯାଇ ଅସ୍ଥାୟୀ ମଣ୍ଡପରେ ମା' ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଯୋଗାଯୋଗ ବେଳେ ପଟ୍ଟନାୟକ କହିଛନ୍ତି, ବ୍ରହ୍ମପୁର ଠାକୁରାଣୀ ଯାତ୍ରା ମୁଖ୍ୟତଃ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଯାତ୍ରା। ମୁଁ ଦକ୍ଷିଣାଞ୍ଚଳର ମୂଳ ବାସିନ୍ଦା। ତେଣୁ ଯାତ୍ରା ଅବସରରେ ମା'ଙ୍କୁ ଦର୍ଶନ ପାଇଁ ଆସିଛି। ଗୁରୁବାର ସକାଳୁ ପୁଣି ପ୍ରାତଃ ଦର୍ଶନ କରିବେ ବୋଲି ସେ ସୂଚାଇଛନ୍ତି। ପଟ୍ଟନାୟକ ପ୍ରଥମେ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମକୁ ଯାଇ ସେଠାରୁ ନେତା ଓ କର୍ମୀଙ୍କ ସହ ସେ ଠାକୁରାଣୀ ଯାତ୍ରାକୁ ଯାଇଥିଲେ।

## ହେନ୍ତାଳ ବଣ ସୃଷ୍ଟି ପାଇଁ ଅଣ୍ଟା ଭିଡ଼ିଲେ ପରିବେଶ କର୍ମୀ

ସୋରଡା,୫।୪(ଡି.ଏନ୍.ଏ.)


ଚାରା ରୋପଣ କରାଯାଉଛି।

ବନ୍ୟା ବାତ୍ୟା ଝଡ଼ ସୁନାମୀ ଆଦି ପ୍ରାକୃତିକ ବିପର୍ଯ୍ୟୟ ଦାଉରୁ ଓଡ଼ିଶା ଉପକୂଳକୁ ସୁରକ୍ଷା ଦେଉଥିବା ହେନ୍ତାଳ ଲୁଣା ଜଙ୍ଗଲ ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଏ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ର ତଥା ଗଞ୍ଜାମ ଜିଲା ସୋରଡ଼ା ବ୍ଲକର ପଦ୍ମପୁର ଗ୍ରାମର ରାଜ୍ୟ ପୁରସ୍କାର ପ୍ରାପ୍ତ ଯୁବ ସାମାଜିକ କର୍ମୀ ଏନ. ନୀଳମାଧବ ପାତ୍ର। ପ୍ରାଥମିକ ପର୍ଯ୍ୟାୟରେ ଆର୍ଦ୍ରଭୂମି ଅଞ୍ଚଳରେ ବରି, କେରୁଆଁ ଆଦି ୧୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଛନ୍ତି। ସେ କହିଛନ୍ତି, ଗଞ୍ଜାମ ଜିଲାର ପ୍ରାୟ ୬୦ କି.ମି. ବ୍ୟାପ୍ତ ସାମୁଦ୍ରିକ ଅଞ୍ଚଳ ରହିଛି। ଏଠାରେ ପ୍ରତିବର୍ଷ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆସି ଧନ ସମ୍ପତ୍ତି କ୍ଷତିଗ୍ରସ୍ତ କରିଥାଏ। କେବଳ ଏକ ସବୁଜ ବଳୟ ଭଳି ହେନ୍ତାଳ ବଣର ଅଭାବ ଯୋଗୁ ଗତ ଫାଇଲିନ ବାତ୍ୟାରେ ଗଞ୍ଜାମ ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ତେବେ ହେନ୍ତାଳ ବଣ ଥିଲେ ଏହା କମ୍ କ୍ଷତିଗ୍ରସ୍ତ ହୋଇଥାନ୍ତା ବୋଲି ସେ କହିଛନ୍ତି।

## ଏମ୍‌କେସିଜି କୋଠାରୁ ସିଲିଂ ଖସିବା ଘଟଣାର ତଦନ୍ତ

ବ୍ରହ୍ମପୁର ଅଫିସ,୫।୪

ବ୍ରହ୍ମପୁର ବଡ଼ ଡାକ୍ତରଖାନା ପରିସରରେ ଥିବା ପିଏମ୍‌ଏସ୍‌ଏସ୍‌ୱାଇ କୋଠା ଏବଂ ସୁପରସ୍ପେଶାଲିଟି କୋଠାରୁ ବାରମ୍ବାର ସିଲିଂ ଖସିବା ଘଟଣା ଦୃଷ୍ଟିକୁ ଆସିଛି। ବୁଧବାର ବଡ଼ ଡାକ୍ତରଖାନା ଓ ପୂର୍ତ୍ତ ବିଭାଗର ଏକ ମିଳିତ ଟିମ୍ ଏହାର ତଦନ୍ତ କରିଛନ୍ତି। ବଡ଼ ଡାକ୍ତରଖାନା ରେଜିଷ୍ଟ୍ରାର୍ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ନେତୃତ୍ୱରେ ଏହି ଟିମ୍ ସୁପରସ୍ପେଶାଲିଟି କୋଠା ସର୍ଜରି ବିଭାଗର ୪ର୍ଥ ମହଲାକୁ ଯାଇ ତଦନ୍ତ କରିଥିଲେ। କିଭଳି ଓ କେଉଁ ସ୍ଥିତିରେ ସିଲିଂ ଖସିଥିଲା ତା'ର ତଦନ୍ତ କରିଥିଲେ। ଏହା ସହ ଏହି କୋଠାର ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ଝରିବା ଘଟଣା ମଧ୍ୟ ଅତୀତରେ ଦେଖିବାକୁ ମିଳିଛି। କିପରି ମରାମତି କରାଯିବ ସେ ନେଇ ପୂର୍ତ୍ତ ବିଭାଗର ଅଧିକାରୀମାନେ ଅନୁଧ୍ୟାନ କରିଥିଲେ। କିଛିଦିନ ତଳେ ଏହି କୋଠାର ୪ର୍ଥ ମହଲା ସର୍ଜରି ବିଭାଗର ୫ନଂ. ୟୁନିଟ୍‌ରୁ ସିଲିଂ ଖସିଥିଲା।

## ଛିଦ୍ରମୟ ଅସ୍ଥି ପରୀକ୍ଷା ଶିବିର


ଉପଜିଲାପାଳଙ୍କ ଦ୍ୱାରା ଶିବିର ଉଦ୍‌ଘାଟନ କରାଯାଉଛି।

ବ୍ରହ୍ମପୁର ଅଫିସ,୫।୪

ବ୍ରହ୍ମପୁର ଲିଙ୍ଗରାଜନଗରସ୍ଥିତ ପଦ୍ମଶ୍ରୀ ପ୍ରଫେସର ଡ. କୃଷ୍ଣମୋହନ ପାଠୀଙ୍କ ବାସଭବନରେ ବୁଧବାର ଛିଦ୍ରମୟ ଅସ୍ଥି ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସ୍ଥି ସ୍ୱାସ୍ଥ୍ୟ ପରୀକ୍ଷା, ୟୁରିକ ଏସିଡ୍ ଓ ମେଦ ବହୁଳତା ପରୀକ୍ଷା କରାଯାଇଥିଲା। ଶିବିରରେ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅନ୍ୟତମ ଅତିଥି ଆରଡିସି କାର୍ଯ୍ୟାଳୟର ସଚିବ ସୁଜାତା ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ବ୍ରହ୍ମପୁର ସମେତ ଅନ୍ୟାନ୍ୟ ଅଞ୍ଚଳର ବ୍ୟକ୍ତି ବିଶେଷ ବୃଦ୍ଧ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ପାଠୀ, ପୀତବାସ ରଥ, ଆଇନଜୀବୀ ବିଜୟ ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ପାଣିଗ୍ରାହୀ, ଏ. ରାଜା ରାଓ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆର୍‌ଡିସି ଅଫିସ ଆଗରେ ସିପିଏମ୍‌ର ବିକ୍ଷୋଭ

- ସିଆଇଟିୟୁ ସମେତ କୃଷକ, କ୍ଷେତ ମୂଲିଆ ସଂଗଠନ ସାମିଲ
- ସମ୍ବିଧାନର ସୁରକ୍ଷା ଓ ଲେବର କୋଡ୍ ବାତିଲ ମୁଖ୍ୟ ଦାବି

ବ୍ରହ୍ମପୁର ଅଫିସ,୫।୪



ଆର୍‌ଡିସି ଅଫିସ ଆଗରେ ବାମପନ୍ଥୀ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଗଞ୍ଜାମ ଜିଲା ସିପିଆଇ(ଏମ୍)ର ୩ ଛାମୁଆ ଶ୍ରମିକ, କୃଷକ ଓ କ୍ଷେତ ମୂଲିଆ ସଂଗଠନର ମିଳିତ ଆନୁକୂଲ୍ୟରେ ବୁଧବାର ବ୍ରହ୍ମପୁରରେ ଶୋଭାଯାତ୍ରା ଏବଂ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ ଅଫିସ ଆଗରେ ଗଣବିକ୍ଷୋଭ କରାଯାଇଥିଲା। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଲେବର କୋଡ୍ ତୁରନ୍ତ ବାତିଲ ସମେତ ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ଅନ୍ୟପକ୍ଷରେ ସମ୍ବିଧାନର ସୁରକ୍ଷା ସହ ଜନସାଧାରଣଙ୍କ ଜୀବନ ଜୀବିକା, ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ, ସରକାରୀ ମୂଲ୍ୟବାନ ସମ୍ପତ୍ତି ପୁଞ୍ଜିପତିଙ୍କୁ ବିକ୍ରି ବନ୍ଦ ଆଦି ଦାବି ନେଇ ବୁଧବାର ପାର୍ଲାମେଣ୍ଟ ଆଗରେ ହୋଇଥିବା ବୃହତ୍ ଆନ୍ଦୋଳନକୁ ସମର୍ଥନ କରାଯାଇଥିଲା।

ଗଞ୍ଜାମ ଜିଲା ସିଆଇଟିୟୁ ସଭାପତି ପ୍ରତାପ ଚୌଧୁରୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କମାପଲ୍ଲୀ ଛକରୁ ବାହାରିଥିବା ଶୋଭାଯାତ୍ରା ରାସ୍ତା ପରିକ୍ରମା ବେଳେ ଯୋଗ ଦେଇଥିବା ଶତାଧିକ ଶ୍ରମିକ, କୃଷକ ଓ କ୍ଷେତ ମଜଦୁର ମୋଦି ସରକାର ବିରୋଧରେ ଗର୍ଜନ କରିଥିଲେ। ମୋଦି ହଟାଅ ଓ ଦେଶ ବଞ୍ଚାଅ ନାରା ଦେଇଥିଲେ। ରାଲି ଆରଡିସିଙ୍କ ଦପ୍ତର ନିକଟରେ ପହଞ୍ଚିବା ପରେ ବିକ୍ଷୋଭ ସହ ସଭା କରିଥିଲେ। କୃଷକଙ୍କ ଫସଲର ଲାଭଜନକ ଦର ପାଇଁ କେନ୍ଦ୍ର ସରକାର ଅବିଳମ୍ବେ ସ୍ୱତନ୍ତ୍ର ଆଇନ ପ୍ରଣୟନ, ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା ଏବଂ ପେନସନ ୧୦ ହଜାର ଟଙ୍କା ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା। ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ପ୍ରଦାନ କରାଯାଇଥିଲା।

ଆନ୍ଦୋଳନରେ ସିପିଏମ୍ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, କୃଷକ ସଭା ନେତା ହରିକୃଷ୍ଣ ରେଡ୍ଡୀ, ସଂଗଠନ ସମ୍ପାଦକ ବିପିନ ବିହାରୀ ନାୟକ, ଶ୍ରମିକ ନେତା ରାମ ଚନ୍ଦ୍ର ନାୟକଙ୍କ ସମେତ କୈଳାସ ଷଡ଼ଙ୍ଗୀ, ବିଦ୍ୟାଧର ଜେନା, ମହିଳା ସଂଗଠନ ନେତ୍ରୀ ବିଷ୍ଣୁପ୍ରିୟା ସାହୁ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଲାଲ ପତାକା ଧରି କର୍ମୀମାନେ ଯୋଗ ଦେଇଥିଲେ।

